# NATIONAL NEWS BULLETIN (ODIA)

## 27 May - 2025

## Morning Bulletin : 7.15 A.M.

*************************************************

## ମୁଖ୍ୟ ସମ୍ବାଦ

- ଗୁଜୁରାଟର ଗାନ୍ଧୀନଗର ସ୍ଥିତ ମହାତ୍ମା ମନ୍ଦିରଠାରେ ୫ ହଜାର ୫୩୬ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଆଜି ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ
- ୮ଟି ରାଜ୍ୟସଭା ଆସନରେ ଦ୍ୱିବାର୍ଷିକ ନିର୍ବାଚନ ନେଇ କାର୍ଯ୍ୟସୂଚୀ ଘୋଷଣା କଲେ ନିର୍ବାଚନ କମିଶନ
- ଦେଶର ପ୍ରତିରକ୍ଷା ଶିଳ୍ପ ଭିତ୍ତିଭୂମିକୁ ମଜଭୁତ କରିବା ପାଇଁ ସରକାର ପ୍ରତିବଦ୍ଧ; କହିଲେ ପ୍ରତିରକ୍ଷା ମନ୍ତ୍ରୀ
- ପ୍ରଶିକ୍ଷାର୍ଥୀ ପ୍ରୋତ୍ସାହନ ଓ ତାଲିମ ଯୋଜନା ଅଧୀନରେ ଭତ୍ତା ବୃଦ୍ଧି ପାଇଁ କେନ୍ଦ୍ରୀୟ ପ୍ରଶିକ୍ଷାର୍ଥୀ ପରିଷଦର ସୁପାରିସ

ଏବଂ

- ଆଇପିଏଲ୍ କ୍ରିକେଟର ଗତକାଲିର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇ ପଞ୍ଜାବ କିଙ୍ଗ୍‌ସ ତାଲିକାର ଶୀର୍ଷ ସ୍ଥାନକୁ ଉନ୍ନୀତ

# ପିଏମ୍-ଗୁଜୁରାଟ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଗୁଜୁରାଟର ଗାନ୍ଧୀନଗର ସ୍ଥିତ ମହାତ୍ମା ମନ୍ଦିରଠାରେ ୫ହଜାର ୫୩୬ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ନଗର ଉନ୍ନୟନ, ଭିତ୍ତିଭୂମି ବିକାଶ, ଜଳସମ୍ପଦ ପରିଚାଳନା, ସ୍ୱାସ୍ଥ୍ୟସେବା ଏବଂ ରାଜସ୍ୱ ସେବା ଆଦି ବିଭିନ୍ନ କ୍ଷେତ୍ରରେ ଏହି ବିକାଶମୂଳକ ପ୍ରକଳ୍ପଗୁଡ଼ିକ ଅନ୍ତର୍ଭୁକ୍ତ। ଶ୍ରୀ ମୋଦୀ ଗାନ୍ଧୀନଗରଠାରେ ଗୁଜୁରାଟ ସହରାଞ୍ଚଳ ବିକାଶ ଯାତ୍ରାର ୨୦ ବର୍ଷ ପାଳନ ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବେ। ୨୦୦୫ ମସିହାରୁ ଏହି ବିକାଶ ଯାତ୍ରା ଶ୍ରୀ ମୋଦୀଙ୍କ ମୁଖ୍ୟମନ୍ତ୍ରୀତ୍ୱ କାର୍ଯ୍ୟକାଳ ମଧ୍ୟରେ ଆରମ୍ଭ କରାଯାଇଥିଲା। ସହରାଞ୍ଚଳରେ ଯୋଜନାବଦ୍ଧ ଭିତ୍ତିଭୂମି, ସ୍ୱଚ୍ଛଶାସନ ଏବଂ ସହରାଞ୍ଚଳ ବାସିନ୍ଦାଙ୍କ ପାଇଁ ଉନ୍ନତ ଜୀବନଶୈଳୀ ଆଧାରିତ ଏହି ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ବିଶେଷ ପରିବର୍ତ୍ତନର ଲକ୍ଷ୍ୟ ରଖାଯାଇଥିଲା। ଏହି ସଫଳତା ଆଧାରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନଗର ଉନ୍ନୟନ ବର୍ଷ-୨୦୨୫ ଅଭିଯାନ ଆରମ୍ଭ କରିବେ। ଗୁଜୁରାଟରେ ସହରାଞ୍ଚଳ ବିକାଶ ପାଇଁ ଏକ ରୂପରେଖ ପ୍ରସ୍ତୁତ କରାଯାଇଛି। ବାୟୁ ଗୁଣବତ୍ତା ଉନ୍ନତ ଏବଂ ସ୍ଥାୟୀ ସହରାଞ୍ଚଳ ଜୀବନଯାପନକୁ ପ୍ରୋତ୍ସାହନ ପ୍ରଦାନ କରିବ ପାଇଁ ପ୍ରଧାନମନ୍ତ୍ରୀ ଗୁଜୁରାଟ ସହରାଞ୍ଚଳ ବିକାଶ ଯୋଜନା ଏବଂ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମର

ଶୁଭାରମ୍ଭ କରିବେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ୨୨ ହଜାରରୁ ଅଧିକ ହିତାଧିକାରୀଙ୍କୁ ବାସଗୃହ ପ୍ରଦାନ କରିବେ ।

ଏହି ଅବସରରେ ଶ୍ରୀ ମୋଦୀ ସ୍ୱର୍ଣ୍ଣିମ ଜୟନ୍ତୀ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ୩ ହଜାର ୩୦୦ କୋଟି ଟଙ୍କାର ପାଣ୍ଠି ପ୍ରଦାନ କରିବେ ।

ସୂଚନାଯୋଗ୍ୟ, ଦୁଇଦିନିଆ ଗୁଜୁରାଟ ଗସ୍ତ ଅବସରରେ ଗତକାଲି ପ୍ରଧାନମନ୍ତ୍ରୀ ଭୁଜ୍‌ରେ ୫୩ ହଜାର ୪୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଏବଂ ଦାହୋଦଠାରେ ମଧ୍ୟ ୨୪ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ ।

## ଇସିଆଇ-ବାଇନେସିଆଲ ଇଲେକସନ୍

ନିର୍ବାଚନ କମିଶନ ୮ଟି ରାଜ୍ୟସଭା ଆସନରେ ଦ୍ୱିବାର୍ଷିକ ନିର୍ବାଚନ ନେଇ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି । ସେଥିମଧ୍ୟରେ ତାମିଲନାଡୁର ୬ଟି ଏବଂ ଆସାମର ଦୁଇଟି ଆସନ ଅନ୍ତର୍ଭୁକ୍ତ । ଆସନ୍ତା ମାସ ୨ ତାରିଖରେ ଏ ସଂକ୍ରାନ୍ତ ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯିବ ଏବଂ ୧୯ ତାରିଖରେ ମତଦାନ ଅନୁଷ୍ଠିତ ହେବ ବୋଲି କମିଶନ ସୂଚନା ଦେଇଛନ୍ତି । ମତଦାନ ପରେ ସେହି ଦିନ ଭୋଟ୍ ଗଣତି କରାଯିବ । ଏହି ୮ଟି ରାଜ୍ୟସଭା ଆସନର ସଦସ୍ୟଙ୍କର କାର୍ଯ୍ୟକାଳ ଆସନ୍ତା ଜୁନ୍ ଏବଂ ଜୁଲାଇ ମାସ ମଧ୍ୟରେ ଶେଷ ହେବାକୁ ଯାଉଥିବାରୁ ଏହି ଦ୍ୱିବାର୍ଷିକ ନିର୍ବାଚନ ଅନୁଷ୍ଠିତ ହେବ । ତାମିଲନାଡୁର ୬ ଜଣ ରାଜ୍ୟସଭା ସଦସ୍ୟ ଡକ୍ଟର ଅନବୁମଣି ରାମଦୋସ, ଏମ୍.ଶାନମୁଗମ,

ଏନ୍.ଚନ୍ଦ୍ରସେଘରନ୍, ଏମ୍.ମହମ୍ମଦ ଅବଦୁଲ୍ଲା, ପି.ୱିଲସନ୍ ଏବଂ ଭାଇକୋଙ୍କର ଆସନ୍ତା ଜୁଲାଇ ୨୪ ତାରିଖରେ କାର୍ଯ୍ୟକାଳ ଶେଷ ହେଉଛି। ଆସନ୍ତା ମାସ ୧୪ ତାରିଖରେ ଆସାମର ମିଶନ ରଞ୍ଜନ ଦାସ ଏବଂ ବିରେନ୍ଦ୍ର ପ୍ରସାଦ ବୈଶ୍ୟଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି।

## ରାଜନାଥ-ରିଭ୍ୟୁ

ଦେଶର ପ୍ରତିରକ୍ଷା ଶିଳ୍ପ ଭିତ୍ତିଭୂମିକୁ ମଜଭୁତ କରିବା ପାଇଁ ସରକାର ପ୍ରତିବଦ୍ଧ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି। ନୂଆଦିଲ୍ଲୀଠାରେ ଗତକାଲି ୮ଟି ପ୍ରତିରକ୍ଷା ପବ୍ଲିକ ସେକ୍ଟର ଅଣ୍ଡରଟେକିଂର କାର୍ଯ୍ୟଦକ୍ଷତାର ସମୀକ୍ଷା କରିବା ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି। 'ଅପରେସନ୍ ସିନ୍ଦୂର'ର ସଫଳତା ଏବଂ ଭାରତୀୟ ସଶସ୍ତ୍ର ବାହିନୀର ପ୍ରସ୍ତୁତିକୁ ସହଯୋଗ ପ୍ରଦାନ କରିବାରେ ଏହି ସଂସ୍ଥାଗୁଡ଼ିକର ଭୂମିକାକୁ ମନ୍ତ୍ରୀ ଶ୍ରୀ ସିଂହ ଉଚ୍ଚପ୍ରଶଂସା କରିଛନ୍ତି। ପ୍ରତିରକ୍ଷା କ୍ଷେତ୍ରରେ ଅଧିକ ଗବେଷଣା ଏବଂ ବିକାଶ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବାକୁ ଶ୍ରୀ ସିଂହ ପରାମର୍ଶ ଦେଇଛନ୍ତି। ଆଧୁନିକ ପ୍ରଯୁକ୍ତିବିଦ୍ୟାର ଉପଭୋଗ କରି ଉତ୍ପାଦନ ବୃଦ୍ଧି ପାଇଁ କାର୍ଯ୍ୟ କରିବାକୁ ସେ କହିଛନ୍ତି। ଏହି ଅବସରରେ ମହାରତ୍ନ ମାନ୍ୟତା ପ୍ରାପ୍ତ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ ଏବଂ ନବରତ୍ନ ମାନ୍ୟତା ପ୍ରାପ୍ତ ମାଜାଗନ୍ ଡକ୍ ସିପ୍ ବିଲଡର୍ସ ଲିମିଟେଡଙ୍କୁ ପ୍ରତିରକ୍ଷା ମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।

## ପ୍ରେଜ୍-ଡିନର

ସୁପ୍ରିମକୋର୍ଟର ନବନିଯୁକ୍ତ ପ୍ରଧାନ ବିଚାରପତି ଜଷ୍ଟିସ ଭୂଷଣ ରାମକ୍ରିଷ୍ଣ ଗବଇଙ୍କ ସମ୍ମାନାର୍ଥେ ଗତ ସନ୍ଧ୍ୟାରେ ରାଷ୍ଟ୍ରପତି ଭବନରେ ଏକ ନୈଶ୍ୟ ଭୋଜନର ଆୟୋଜନ କରିଥିଲେ। ଏଥିରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ଲୋକସଭା ବାଚସ୍ପତି ଓମ ବିର୍ଲା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର, ଆଇନ ଏବଂ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ସିଏସି- ଏନ୍‌ଏପିଏସ୍ ଷ୍ଟାଇପେଣ୍ଡ

ଜାତୀୟ ପ୍ରଶିକ୍ଷାର୍ଥୀ ପ୍ରୋତ୍ସାହନ ଯୋଜନା- ଏନ୍.ଏ.ପି.ଏସ୍. ଏବଂ ଜାତୀୟ ପ୍ରଶିକ୍ଷାର୍ଥୀ ତାଲିମ ଯୋଜନା – ଏନ୍.ଏ.ଟି.ଏସ୍. ଅଧୀନରେ ପ୍ରଦାନ କରାଯାଉଥିବା ଭତ୍ତାକୁ ୩୦ ପ୍ରତିଶତ ବୃଦ୍ଧି କରିବାକୁ କେନ୍ଦ୍ରୀୟ ପ୍ରଶିକ୍ଷାର୍ଥୀ ପରିଷଦ ସୁପାରିସ କରିଛି। ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଜୟନ୍ତ ଚୌଧୁରୀଙ୍କ ଅଧକ୍ଷତାରେ ନୂଆଦିଲ୍ଲୀଠାରେ ଗତକାଲି ଅନୁଷ୍ଠିତ ପରିଷଦର ୩୮ତମ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ଦୁଇଟି ଯୋଜନା ଅଧୀନରେ ଭତ୍ତା ପରିମାଣ ୫ ହଜାରରୁ ୬ ହଜାର ୮୦୦ ଏବଂ ୯ ହଜାରରୁ ୧୨ହଜାର ୩୦୦କୁ ବୃଦ୍ଧି ପାଇଁ ପ୍ରସ୍ତାବ ନିଆଯାଇଛି। ଏହି ଯୋଜନାଗୁଡ଼ିକ ଅଧୀନରେ ଯୁବବର୍ଗଙ୍କୁ ଅଧିକ ସାମିଲ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଦେଶର ବିକଶିତ ପ୍ରଶିକ୍ଷାର୍ଥୀ ସ୍ଥିତି ନେଇ ବିସ୍ତୃତ ଆଲୋଚନା ହୋଇଛି। ମନ୍ତ୍ରୀ

ଶ୍ରୀ ଚୌଧୁରୀ କହିଛନ୍ତି, ପ୍ରଶିକ୍ଷଣ କେବଳ ଏକ ଦକ୍ଷତା ବିକାଶ ପ୍ରକ୍ରିୟା ନୁହେଁ ବରଂ ଏହା ଶିକ୍ଷା, ଶିଳ୍ପ ଏବଂ ନିଯୁକ୍ତି ମଧ୍ୟରେ ସମନ୍ୱୟ ରକ୍ଷା କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ଗ୍ରାମାଞ୍ଚଳ ଯୁବବର୍ଗ ବିଶେଷ ସହାୟକ ପାଇଛି ବୋଲି ଶ୍ରୀ ଚୌଧୁରୀ କହିଛନ୍ତି।

## ମିଶ୍ରି- ୟୁଏସ୍ଏ

ବୈଦେଶିକ ସଚିବ ବିକ୍ରମ ମିଶ୍ରି ଆଜିଠାରୁ ତିନିଦିନିଆ ଆମେରିକା ଗସ୍ତରେ ଯିବେ। ଓ୍ୱାଶିଂଟନ ଡିସି'ଠାରେ ଆମେରିକୀୟ ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହ ସେ ସାକ୍ଷାତ ଆଲୋଚନା କରିବେ। ଗତ ଫେବୃଆରୀରେ ପ୍ରଧାନମନ୍ତ୍ରୀଙ୍କ ଆମେରିକା ଗସ୍ତର ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ଶ୍ରୀ ମିଶ୍ରି ଏହି ଗସ୍ତରେ ଯାଉଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଆମେରିକା ଗସ୍ତ ସମୟରେ ଭାରତ– ଆମେରିକା କମ୍ପାକ୍ଟ– ସାମର୍ଥ ସହଭାଗିତା, ତ୍ୱରିତ ବାଣିଜ୍ୟ ଏବଂ ପ୍ରଯୁକ୍ତିବିଦ୍ୟା ପାଇଁ ସୁଯୋଗ ସହଭାଗିତାର ପ୍ରୟାସ ଆରମ୍ଭ ହୋଇଥିଲା।

## ଟ୍ରାଇବାଲ୍ସ- ଜୁଏଲ ଓରାମ

ପ୍ରଧାନମନ୍ତ୍ରୀ ଜନମନ ଅଭିଯାନ ଅଧୀନରେ ସରକାର ଜନଜାତି ଗୋଷ୍ଠୀର ବିକାଶକୁ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି ବୋଲି ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି। ନୂଆଦିଲ୍ଲୀଠାରେ ଗତକାଲି ଗଣମାଧ୍ୟମକୁ ସମ୍ବୋଧନ କରି ସେ କହିଛନ୍ତି, ଆଦିବାସୀ ସମ୍ପ୍ରଦାୟର ଉନ୍ନତି ପାଇଁ ସରକାର ନିରନ୍ତର ପ୍ରୟାସ କରୁଛନ୍ତି। ୧୮ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୭୫ଟି ଦୁର୍ବଳ ଜନଜାତି ଗୋଷ୍ଠୀଙ୍କ ବିକାଶ ପାଇଁ ସରକାର ୧୫

ହଜାର କୋଟିରୁ ଅଧିକ ଟଙ୍କାର ବ୍ୟୟବରାଦ କରିଛନ୍ତି । ଗତ ୧୦ ବର୍ଷ ମଧ୍ୟରେ ଜନଜାତିଙ୍କ ସାମାଜିକ ଏବଂ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ସରକାର ନେଇଥିବା ପଦକ୍ଷେପଗୁଡ଼ିକ ଉପରେ ସେ ଏହି ଅବସରରେ ଆଲୋକପାତ କରିଛନ୍ତି ।

# ଅଲପାର୍ଟି ଡେଲିଗେସନ୍

ଆତଙ୍କବାଦ ବିରୁଦ୍ଧରେ ଭାରତର ଶୂନ୍ୟ ସହନଶୀଳତା ନୀତି ସମ୍ପର୍କିତ ବାର୍ତ୍ତା ବିଶ୍ୱ ସମୁଦାୟକୁ ଅବଗତ କରାଇବା ଲକ୍ଷ୍ୟ ନେଇ ବିଭିନ୍ନ ରାଷ୍ଟ୍ରକୁ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀର ଗସ୍ତ ଜାରି ରହିଛି । ଶିବସେନା ସାଂସଦ ଶ୍ରୀକାନ୍ତ ଏନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ସର୍ବଦଳୀୟ ମଣ୍ଡଳୀ ଗତକାଲି କଙ୍ଗୋର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଥେରେସ କାୱିକ୍ୱାମ୍ବା ୱଗନରଙ୍କ ସହ ଆଲୋଚନା କରିଛନ୍ତି ।

**V/O– SHRIKANT-SHINDE**

ଏନ୍‌ସିପି ସାଂସଦ ସୁପ୍ରିୟା ସୁଲେଙ୍କ ନେତୃତ୍ୱାଧୀନ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ କତାର'ର ଆଭ୍ୟନ୍ତରୀଣ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଶେଖ୍ ଅବଦୁଲ୍ଲାଜିଜ୍ ବିନ୍ ଫଇଜଲ ବିନ୍ ମହମ୍ମଦ ଅଲ୍ ଥାନିଙ୍କୁ ଭେଟି ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ୍ ସିନ୍ଦୂର ସମ୍ପର୍କରେ ଅବଗତ କରାଇଛନ୍ତି । ଆତଙ୍କବାଦ ବିରୁଦ୍ଧରେ କତାର ତା'ର ଦୃଷ୍ଟିକୋଣ ସମ୍ପର୍କରେ ପ୍ରତିନିଧି ମଣ୍ଡଳୀକୁ ସୂଚନା ଦେଇଛି । ଦୋହାଠାରେ ଗଣମାଧ୍ୟମ ସହ ଆଲୋଚନା ବେଳେ ସାଂସଦ ସୁଲେ କହିଛନ୍ତି, ସୀମାପାର ଆତଙ୍କବାଦ ନେଇ ଭାରତ

ପାଖରେ ଯଥେଷ୍ଟ ପ୍ରମାଣ ରହିଛି । ଜେଡିୟୁ ସାଂସଦ ସଞ୍ଜୟ କୁମାର ଝା'ଙ୍କ ନେତୃତ୍ୱାଧୀନ ପ୍ରତିନିଧି ମଣ୍ଡଳୀ ସିଓଲଠାରେ ଦକ୍ଷିଣ କୋରିଆ ଜାତୀୟ ଆସେମ୍ବ୍ଲିର ପ୍ରତିରକ୍ଷା କମିଟିର ଅଧ୍ୟକ୍ଷ ସୁଙ୍ଗ୍ ଜୋଙ୍ଗ୍‌ଙ୍କ ସହ ଆଲୋଚନା କରିଛନ୍ତି । ଭାରତୀୟ ପ୍ରତିନିଧି ଦଳର ମତାମତକୁ ଅଧ୍ୟକ୍ଷ ସୁଙ୍ଗ୍ ଉଚ୍ଚପ୍ରଶଂସା କରିଛନ୍ତି । ଆତଙ୍କବାଦ କାର୍ଯ୍ୟକଳାପ ମାନବିକତା ବିରୋଧୀ ଏବଂ ଏଭଳି ଅପରାଧକୁ କ୍ଷମା କରାଯାଇପାରିବ ନାହିଁ ବୋଲି ଅଧ୍ୟକ୍ଷ ସୁଙ୍ଗ୍ ମତବ୍ୟକ୍ତ କରିଛନ୍ତି । ପରେ ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ଝା' କହିଛନ୍ତି, ପାକିସ୍ତାନକୁ କଳାତାଲିକାଭୁକ୍ତ କରିବାକୁ ପ୍ରତିନିଧି ମଣ୍ଡଳୀ ଦକ୍ଷିଣ କୋରିଆକୁ ଅନୁରୋଧ କରିଛି ।

ଡି.ଏମ୍.କେ ସାଂସଦ କାନିମୋଝୀଙ୍କ ନେତୃତ୍ୱାଧୀନ ସର୍ବଦଳୀୟ ମଣ୍ଡଳୀ ସ୍ଲୋଭାନିଆଠାରେ ସେଠାକାର ନେତୃବୃନ୍ଦଙ୍କ ସହ ମତବିନିମୟ କରିଛନ୍ତି । ବିଜେପି ସାଂସଦ ରବିଶଙ୍କର ପ୍ରସାଦ ନେତୃତ୍ୱାଧୀନ ସର୍ବଦଳୀୟ ମଣ୍ଡଳୀ ପ୍ୟାରିସ୍‌ଠାରେ ଆତଙ୍କବାଦ ବିରୋଧରେ ଭାରତର ପଦକ୍ଷେପ ସମ୍ପର୍କରେ ସେଠାକାର ନେତୃବୃନ୍ଦଙ୍କୁ ସୂଚନା ପ୍ରଦାନ କରିଛନ୍ତି ।

## ଆଇପିଏଲ୍ କ୍ରିକେଟ

ଆଇପିଏଲ୍ କ୍ରିକେଟର ଗତକାଲି ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ବିଜୟୀ ହୋଇଛି । ଜୟପୁରର ସବାଇ ମାନସିଂ ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ' ମୁମ୍ବାଇ ଇଣ୍ଡିଆନ୍ସକୁ ୭ ଓ୍ୱିକେଟ୍‌ରେ ପରାସ୍ତ କରିଛି । ଟସ୍ ଜିତି ପଞ୍ଜାବ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ମୁମ୍ବାଇ

ଇଣ୍ଡିଆନ୍ସ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଓ୍ୱିକେଟ୍ ବିନିମୟରେ ୧୮୪ ରନ୍ ସଂଗ୍ରହ କରିଥିଲା। ୧୮୫ ରନ୍‌ର ବିଜୟ ଲକ୍ଷ୍ୟକୁ ପଞ୍ଜାବ ୧୮ ଓଭର ୩ଟି ବଲ୍‌ରେ ୩ ଓ୍ୱିକେଟ୍ ବିନିମୟରେ ହାସଲ କରିପାରିଥିଲା। ଦଳ ପକ୍ଷରୁ ଜୋସ୍ ଇଂଲିଶ ସର୍ବାଧିକ ୭୩ ରନ୍ ଏବଂ ପ୍ରିୟାଂଶ ଆର୍ଯ୍ୟ ୬୨ ରନ୍ ସଂଗ୍ରହ କରିଥିଲେ। ଇଂଲିଶଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଏହି ବିଜୟ ସହ ପଞ୍ଜାବ ୧୪ଟି ମ୍ୟାଚ୍‌ରୁ ୯ଟି ବିଜୟ ସହ ୧୯ ପଏଣ୍ଟ ହାସଲ କରି ତାଲିକାର ଶୀର୍ଷ ସ୍ଥାନକୁ ଉନ୍ନୀତ ହୋଇଛି। ମୁମ୍ବାଇ ଇଣ୍ଡିଆନ୍ସ  ସମ ପରିମାଣ ମ୍ୟାଚ୍‌ରୁ ୮ଟିରେ ବିଜୟ ହାସଲ କରି ୧୬ ପଏଣ୍ଟ ସହ ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ଆସନ୍ତା ଗୁରୁବାର ଦିନ ପଞ୍ଜାବ କିଙ୍ଗ୍‌ସ ପ୍ରଥମ କ୍ୱାଲିଫାୟର ମ୍ୟାଚ୍ ଖେଳିବ। ଅନ୍ୟପକ୍ଷରେ ଶୁକ୍ରବାର ଦିନ ମୁମ୍ବାଇ ଇଣ୍ଡିଆନ୍ସ ଏଲିମେଟର ପର୍ଯ୍ୟାୟ ମ୍ୟାଚ୍ ଖେଳିବ। ଆଜି ଲକ୍ଷ୍ନୌ ସୁପରଜାଏଣ୍ଟସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଶେଷ ଲିଗ୍ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ଲକ୍ଷ୍ନୌର ଏକନା କ୍ରିକେଟ ଷ୍ଟାଡିୟମରେ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହେବ।